# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 May - 2025

*********************************

## ମୁଖ୍ୟ ସମ୍ବାଦ

- ଯାଜପୁର ଜିଲ୍ଲାରେ ଆସନ୍ତା ଗୁରୁବାର ଦିନ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ହେବା ନେଇ ଶିଳ୍ପମନ୍ତ୍ରୀଙ୍କ ସୂଚନା
- ରଥଯାତ୍ରା ନୀତିକାନ୍ତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦଇତାପତି ନିଯୋଗଙ୍କ ସହ ବୈଠକ ଅନୁଷ୍ଠିତ
- 'ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ ଓ ଏହାକୁ ନିୟନ୍ତ୍ରଣରେ ରଖି ଦୀର୍ଘଜୀବୀ ହୁଅନ୍ତୁ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଉଚ୍ଚ ରକ୍ତଚାପ ଦିବସ

ଏବଂ

- କାଳବୈଶାଖୀର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

*Desk*

## ଯାଜପୁର- ପ୍ରକଳ୍ପ

ଯାଜପୁର ଜିଲ୍ଲାରେ ମୋଟ୍ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରାଯିବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୨ ତାରିଖ ଗୁରୁବାର ଦିନ ଶିଳାନ୍ୟାସ ଉତ୍ସବରେ ଯୋଗଦେବେ। ଶିଳ୍ପ ମନ୍ତ୍ରୀ କହିଛନ୍ତି, ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୩୪ ହଜାର ଲୋକଙ୍କ ନିଯୁକ୍ତି ସୁଯୋଗ ପାଇପାରିବେ।

**- V/O –**

*Puri*

## ରଥଯାତ୍ରା ନୀତିକାନ୍ତି ବୈଠକ

ରଥଯାତ୍ରା ନୀତିକାନ୍ତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବାଡ଼ଗ୍ରାହୀ, ଦଇତାପତି ଓ ପୂଜାପଣ୍ଡା ନିଯୋଗଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ କରିବା, ଚୂଡ଼ାନ୍ତ ନୀତିନିର୍ଘଣ୍ଟ ଓ ସେବାୟତମାନଙ୍କ ସହଯୋଗ ପାଇଁ ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ଆସନ୍ତା ଜୁନ୍ ମାସ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବା ବେଳେ ଏହା ପରଠାରୁ ମହାପ୍ରଭୁଙ୍କର ଅଣସର ନୀତି ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଗୁପ୍ତନୀତି ୧୬ ଦିନ ଧରି ଚାଲିବାକୁ ଥିବାବେଳେ ଶୃଙ୍ଖଳିତ ଭାବେ ନୀତି ସମ୍ପାଦନ ପାଇଁ

ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପହଣ୍ଡି ସମୟରେ ମୋବାଇଲ ବ୍ୟବହାରକୁ ନିଷେଧ ଓ ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକଙ୍କୁ ନେଇ ପହଣ୍ଡି କରାଯିବ ବୋଲି ବୈଠକରେ ଜିଲ୍ଲାପାଳ କହିଛନ୍ତି।

***Desk***

# ହାଇକୋର୍ଟ ଛୁଟି

ଓଡିଶା ହାଇକୋର୍ଟରେ ଆସନ୍ତା ୧୯ତାରିଖ ସୋମବାରଠାରୁ ଜୁନମାସ ୧୬ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ଘୋଷଣା କରାଯାଇଛି । ଏହି ସମୟ ମଧ୍ୟରେ ହାଇକୋର୍ଟର ଆଠଦିନ ଅବକାଶକାଳୀନ ଅଦାଲତ କାର୍ଯ୍ୟ କରିବ ବୋଲି ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଛୁଟିଦିନକୁ ଛାଡ଼ିଦେଲେ ଅନ୍ୟଦିନମାନଙ୍କରେ ହାଇକୋର୍ଟ କାର୍ଯ୍ୟାଳୟ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ ।

***Desk***

# ଅପରେସନ୍ ସିନ୍ଦୂର ସଫଳତା

ଅପରେସନ୍ 'ସିନ୍ଦୂର'ର ସଫଳତା ଓ ପାକିସ୍ତାନର ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଉପସ୍ଥାପନ ପାଇଁ ଦେଶର ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଚଳିତ ମାସ ଶେଷ ସୁଦ୍ଧା ବିଭିନ୍ନ ଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିଦେଶ ଗସ୍ତକୁ ସଂଯୋଜନ କରୁଛନ୍ତି। ସବୁ ଦଳର ସାଂସଦମାନଙ୍କୁ ଗସ୍ତରେ ସାମିଲ କରାଯାଇଛି। ଆମେରିକା, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, କତାର, ୟୁଏଇ ଭଳି ସହଯୋଗୀ ରାଷ୍ଟ୍ରକୁ ଏହି

ସର୍ବଦଳୀୟ ଟିମ୍ ଗସ୍ତ କରିବ। ଆତଙ୍କବାଦକୁ ସମର୍ଥନ ନ ଦେବା ଓ ଏଥିପ୍ରତି ଦେଶର ଶୂନ୍ୟ ସହନଶୀଳତା ଅବଲମ୍ବନ ନୀତିକୁ ପ୍ରତିନିଧି ଦଳ ବିଦେଶରେ ଉପସ୍ଥାପନ କରିବେ। ବିଜେପି ଦଳ ପକ୍ଷରୁ ରବି ଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, କଂଗ୍ରେସର ଶଶୀ ଥରୁର, ଜେଡିୟୁର ସଞ୍ଜୟ କୁମା ଝା', ଡିଏମ୍‌କେର କାନୀମୋଝୀ କରୁଣାନିଧି, ଏନ୍‌ସିପିର ସୁପ୍ରିୟା ସୁଲେ, ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରମୁଖ ୭ଟି ପ୍ରତିନିଧି ଦଳର ନେତୃତ୍ୱ ନେବେ।

***Desk***

## ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ- କରୋନା

ଏସିଆ ମହାଦେଶର କେତୋଟି ଦେଶରେ ନୂଆ କରୋନା ଭୂତାଣୁ ଚିହ୍ନଟ ହେବା ପରିପ୍ରେକ୍ଷୀରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ରାଜ୍ୟବାସୀଙ୍କୁ ଭୟଭୀତ ନ ହେବା ପାଇଁ କହିଛନ୍ତି। ସେ କହିଛନ୍ତି, ଏହି ଭୂତାଣୁ କରୋନା ଭୂତାଣୁର ନୂଆ ପ୍ରଜାତି ନୁହେଁ। ଜଣେ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଲେ କରୋନା ସଂକ୍ରମଣ ଦେଖା ଦେଇଥାଏ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ କରୋନା ପରୀକ୍ଷା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାର ଏ ସମ୍ପର୍କରେ ଯୋଗାଯୋଗରେ ଅଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ମାର୍ଗଦର୍ଶିକା ଜାରି କରାଗଲେ ସେଗୁଡ଼ିକୁ କାର୍ଯ୍ୟ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

*Dhenkanal*

## ପ୍ରଶିକ୍ଷଣ ଶିବିର

ଢେଙ୍କାନାଳର ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ରାଜସ୍ୱ ଅଧିକାରୀ ଓ କର୍ମଚାରୀମାନଙ୍କ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ସରକାରଙ୍କ ନୂଆ ନୀତିନିୟମର ବ୍ୟବହାରିକ ଜ୍ଞାନ ଆହରଣ କରି ରାଜସ୍ୱ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କର କାର୍ଯ୍ୟ ଦକ୍ଷତା ସମ୍ପାଦନ କରିପାରିବେ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ରାଜସ୍ୱ ସହାୟକମାନେ ଯୋଗ ଦେଇଥିଲେ।

*Desk*

## ଉଚ୍ଚ ରକ୍ତଚାପ ଦିବସ

ଉଚ୍ଚ ରକ୍ତଚାପ-ହାଇ ବ୍ଲଡ୍ ପ୍ରେସର୍‌ର ପ୍ରତିରୋଧ, ଚିହ୍ନଟ ଓ ନିୟନ୍ତ୍ରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୬ ମସିହାରୁ ପ୍ରତିବର୍ଷ ମଇ ୧୭ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଶରୀରର ଧମନୀ ଓ ମୁଖ୍ୟ ରକ୍ତବାହିକା ଗୁଡ଼ିକର ୱାଲ୍‌ରୁ ବିପରୀତ ସଂଚାଳିତ ରକ୍ତ ଦ୍ୱାରା ନିର୍ଗତ ବଳ ହେଉଛି ଉଚ୍ଚ ରକ୍ତଚାପ । ଚଳିତବର୍ଷର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତ୍ତା

ହେଉଛି ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।

***Desk***

# ବିଶ୍ୱ ଦୂରସଂଚାର ଦିବସ

ସୂଚନା ଓ ପ୍ରଯୁକ୍ତି, ଇଣ୍ଟରନେଟ୍ ଭଳି ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବର୍ତ୍ତମାନ ସମୟରେ ସମାଜ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଛି । ସମାଜ ଉପରେ ଏହାର ପ୍ରଭାବକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୬ ମସିହାରୁ ମିଳିତ ଜାତିସଂଘ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଦୂରସଂଚାର ଦିବସ ରୂପେ ପାଳନ କରାଯାଉଛି। ସୂଚନାଯୋଗ୍ୟ ୧୮୬୫ ମସିହା ଆଜିର ଦିନରେ ଆନ୍ତର୍ଜାତିକ ଦୂରସଂଚାର ସଂଘ- ଇଣ୍ଟରନ୍ୟାଶନାଲ୍ ଟେଲି କମ୍ୟୁନିକେସନ୍ ୟୁନିୟନ୍ ଗଠନ କରାଯାଇଥିଲା।

***Nayagarh***

# ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ନୟାଗଡ଼ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେଇ ବିପର୍ଯ୍ୟୟ ପୂର୍ବରୁ, ପରେ ଏବଂ ସମୟରେ ବିଭିନ୍ନ ବ୍ୟବସ୍ଥାର ସଠିକ୍ ରୂପେ କାର୍ଯ୍ୟକାରୀ କରାଇବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏନ୍.ଡି.ଆର୍.ଏଫ୍ ଓ ଓଡ୍ରାଫ୍,

ମୁତୟନ ଜରୁରୀକାଳୀନ ଔଷଧ, ମହଜୁଦ, ହ୍ୱାଟ୍ସଆପ୍ ଗ୍ରୁପ୍, ନିୟନ୍ତ୍ରଣ କକ୍ଷ, ପାନୀୟ ଜଳ ସୁବିଧା ଇତ୍ୟାଦିର ସୁବନ୍ଦୋବସ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକସ୍ତରରେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବୈଠକ କରିବାକୁ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ 'ଆପଦ ମିତ୍ର'ଙ୍କୁ ତାଲିମ ପ୍ରଦାନ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାପାଳ ବିଧାୟକଙ୍କୁ ଅବଗତ କରାଇଥିଲେ।

***Boudh***

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କନ୍ଧମାଳ ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ସମସ୍ତ ବି.ଏଲ୍.ଓ. ଏବଂ ଏ.ଆଇ.ଆର୍.ଓ. ମାନଙ୍କୁ ନେଇ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

***BHK***

## ଜବରଦଖଲ ଉଚ୍ଛେଦ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚରମ୍ପା ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଦୀର୍ଘ ଦିନ ଧରି ଚରମ୍ପା ଅଞ୍ଚଳର ଶତାଧିକ

ବ୍ୟବସାୟୀ ସରକାରୀ ରାସ୍ତାରେ ଦୋକାନ ଗୃହ କରିଥିବାରୁ ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବାପରେ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଉଛି।

*Malkangiri*

## ବିପର୍ଯ୍ୟୟ ପରିଚାଳନା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ଜିଲ୍ଲାପାଳ, ଚିତ୍ରକୋଣ୍ଡାର ବିଧାୟକ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଜିଲ୍ଲାବାସୀଙ୍କ ଧନଜୀବନ ରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ବୈଠକରେ ସାଂସଦ ଶ୍ରୀ ମାଝୀ କହିଥିଲେ।

*Ganjam*

## ବିହନ ବିକ୍ରି

ଗଞ୍ଜାମ ଜିଲ୍ଲା ଭଞ୍ଜନଗର କୃଷି ଜିଲ୍ଲା ଅଧୀନରେ ଖରିଫ ଚାଷ ପାଇଁ ବିହନ ବିକ୍ରି ଆରମ୍ଭ ହୋଇଛି। ଜିଲ୍ଲା କୃଷି କାର୍ଯ୍ୟାଳୟର ସୂଚନା ଅନୁସାରେ, ଚଳିତ ବର୍ଷ ବିହନ ମୂଲ୍ୟ କୁଇଣ୍ଟାଲ ପିଛା ୪ ହଜାର ୧୨୫

ଟଙ୍କା ରହିଛି । ଏହି ଦର ଉପରେ ଚାଷୀ ୧୦ ବର୍ଷରୁ କମ୍ ଅବଧି ବିହନ ଦେଇ ରିହାତି ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ପାଣିପାଗ/ବଜ୍ରପାତ

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ଲାଗିରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଜି କୋରାପୁଟ, ରାୟଗଡା, ଗଞ୍ଜାମ, ନବରଙ୍ଗପୁର, ନୂଆପଡା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେଉଁଝର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଝଡ ତୋଫାନ, ବଜ୍ରପାତ ସହିତ ପବନର ବେଗ ୫୦ରୁ ୬୦କିଲୋମିଟର ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଗତକାଲି କୋରାପୁଟ, ଗଞ୍ଜାମ, ଢେଙ୍କାନାଳ, ଗଜପତି, ମାଲକାନଗିରି, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ବଜ୍ରପାତ ଯୋଗୁଁ ୧୪ଜଣଙ୍କର ଜୀବନ ଯିବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି । ପାଖାପାଖି ୫୦ଟି ଗୃହପାଳିତପଶୁଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୧ ହଜାର ୪୧୮ ଜଣଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ଘଟିଛି । ଗତ ବର୍ଷ ବଜ୍ରପାତ ଜନିତ ଘଟଣାରେ ୨୦୫ ଜଣଙ୍କର ପ୍ରାଣହାନୀ ଘଟିଛି । ବିଭିନ୍ନ ଜିଲ୍ଲାରୁ ପ୍ରାପ୍ତ ଖବର

ଅନୁସାରେ ଗତ ଅଢ଼େଇ ମାସ ମଧ୍ୟରେ ୪୪ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡିଛି ।

***Desk***

# କୋଚ ବୃଦ୍ଧି

ହାୱଡା ଏବଂ ପୁରୀ ମଧ୍ୟରେ ଅଧିକ ଆରାମଦାୟକ ରେଳଯାତ୍ରା କରାଇବା ଏବଂ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ହାୱଡା-ପୁରୀ-ହାୱାଡା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନରେ ୨୫ପ୍ରତିଶତ କୋଚ ବୃଦ୍ଧି କରାଯାଇ ୪ଟି ଅତିରିକ୍ତ କୋଚ ଲଗାଯାଇଛି। ବର୍ତ୍ତମାନ ଏହି ଟ୍ରେନରେ ଉଭୟ ଦିଗରୁ ୨୦ଟି କୋଚରେ ଯାତ୍ରୀମାନେ ଯାତାୟତ କରୁଛନ୍ତି ।